# Telephone Conversation between PM and the Federal Chancellor of Germany

02, April  2020

# ପ୍ରଧାନମନ୍ତ୍ରୀ ଏବଂ ଜର୍ମାନୀର ଫେଡେରାଲ୍ ଚାନସେଲରଙ୍କ ମଧ୍ୟରେ ଟେଲିଫୋନ୍ ବାର୍ତ୍ତାଳାପ

ଏପ୍ରିଲ୍ 02, 2020

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜର୍ମାନୀର ଫେଡେରାଲ୍ ଚାନ୍ସେଲର ମାନ୍ୟବର ଡଃ. ଆଞ୍ଜେଲା ମର୍କେଲଙ୍କ ସହ ଟେଲିଫୋନିକ୍ ବାର୍ତ୍ତାଳାପ କରିଛନ୍ତି।

ଜାରି ରହିଥିବା କୋଭିଡ -19 ମହାମାରୀ, ସେମାନଙ୍କ ଦେଶରେ ଏହାର ପରିସ୍ଥିତି ଏବଂ ସ୍ୱାସ୍ଥ୍ୟ ସଙ୍କଟ ମୁକାବିଲା ପାଇଁ ଦୁଇ ନେତା ଆନ୍ତର୍ଜାତୀୟ ସହଯୋଗର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

ମହାମାରୀ ସମୟରେ ଅତ୍ୟାବଶ୍ୟକ ଔଷଧ ଏବଂ ଚିକିତ୍ସା ଉପକରଣର ପର୍ଯ୍ୟାପ୍ତ ଉପଲବ୍ଧତା ନେଇ ସେମାନେ ବିଚାର ବିମର୍ଶ କରିଥିଲେ ଏବଂ ଏ ଦିଗରେ ସହଯୋଗର ସୁଯୋଗ ଖୋଜିବାକୁ ରାଜି ହୋଇଥିଲେ।

ଜର୍ମାନ ଚାନ୍ସେଲର ପ୍ରଧାନମନ୍ତ୍ରୀଙ୍କ ସହ ସହମତ ହୋଇଥିଲେ ଯେ କୋଭିଡ -19 ମହାମାରୀ ଆଧୁନିକ ଇତିହାସର ଏକ ନୂଆ ମୋଡ଼ ଏବଂ ଏହା ମାନବିକତାର ସାଧାରଣ ସ୍ୱାର୍ଥ ଉପରେ ଧ୍ୟାନ ଦେଇ ଜଗତୀକରଣର ଏକ ନୂତନ ଦୃଷ୍ଟିକୋଣ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରୁଛି।

ସରଳ ଯୋଗ ଅଭ୍ୟାସ ତଥା ବିଶ୍ୱବ୍ୟାପୀ ଆୟୁର୍ବେଦୀୟ ଚିକିତ୍ସା ବିସ୍ତାର ପାଇଁ ଭାରତୀୟ ପଦକ୍ଷେପ ବିଷୟରେ ପ୍ରଧାନମନ୍ତ୍ରୀ ଚାନସେଲର୍ ଙ୍କୁ ଅବଗତ କରାଇଥିଲେ। ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ବିଶେଷକରି ସାମ୍ପ୍ରତିକ ଲକଡାଉନ୍ ପରିସ୍ଥିତିରେ ଏହା ଅଧିକ ଲାଭଜନକ ହେବ ବୋଲି ଚାନସେଲର୍ ସହମତ ହୋଇଥିଲେ।

**ନୂଆ ଦିଲ୍ଲୀ**
**ଏପ୍ରିଲ 02, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.